# ଅଧ୍ୟାୟ – ୨
# ଭାଗିଦାର ସଂସ୍ଥାସମୂହ

ଏହି ଅଧ୍ୟାୟରେ ଏନ୍.ଆର୍.ଇ.ଜି.ଏସ୍.ର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଉତ୍ତରଦାୟୀ ଥିବା ପ୍ରମୁଖ ଭାଗିଦାର ଗୋଷ୍ଠୀ ଓ ସଂସ୍ଥାମାନଙ୍କ ସମ୍ବନ୍ଧରେ ଅବତାରଣା କରାଯାଇଛି ।

ପ୍ରମୁଖ ଭାଗିଦାର ଗୋଷ୍ଠୀ ଓ ସଂସ୍ଥାସମୂହ-

୧) ମଜୁରି ଆଶାୟୀ ଶ୍ରମିକଗଣ
୨) ଗ୍ରାମ ସଭା
୩) ପଞ୍ଚାୟତିରାଜ ସଂସ୍ଥାସମୂହ, ବିଶେଷ କରି ଗ୍ରାମ ପଞ୍ଚାୟତ
୪) ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ଅଧିକାରୀ
୫) ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
୬) ରାଜ୍ୟ ସରକାର
୭) ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ

ପ୍ରମୁଖ ଭାଗିଦାର ଗୋଷ୍ଠୀ ଓ ସଂସ୍ଥାସମୂହଙ୍କ ଭୂମିକା ଏବଂ ଦାୟିତ୍ୱାବଳୀ ବିଷୟରେ ଏକ ପୁଂଖାନୁପୁଂଖ ତାଲିକା ସଂଲଗ୍ନ ନଥିସଂଖ୍ୟା ଏ-୨ରେ ସ୍ଥାନିତ ହୋଇଛି ।

ପୁଣି ବିଭିନ୍ନ ସ୍ତରରେ ପରିଚାଳନାଗତ ଦାୟିତ୍ୱାବଳୀ କାହା ଉପରେ ନ୍ୟସ୍ତ ରହିବ, ତାହା ସଂଲଗ୍ନ ନଥି ଏ-୩ର ସାରଣୀରେ ସୂଚୀତ ହୋଇଛି ।

## ୨.୧ ଗ୍ରାମ ସ୍ତରରେ

୨.୧.୧ ମଜୁରୀ ଆଶାୟୀ ଶ୍ରମିକଗଣ

ମଜୁରି ଶ୍ରମିକମାନେ ହେଉଛନ୍ତି ଏହି ଆଇନ୍‌ର ମୂଳ ଭାଗୁଆଳି, ଏବଂ କାମ ପାଇଁ ସେମାନଙ୍କ ଦ୍ୱାରା ଦାବୀ ଉଠିବା ଠାରୁ ହିଁ ଆଇନ୍‌ର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାର ଅୟମାରମ୍ଭ ହୋଇଥାଏ । ମଜୁରି ଶ୍ରମିକମାନଙ୍କର ଅଧିକାରଗୁଡିକ ହେଲା,

୧) ପଞ୍ଜିକରଣ ପାଇଁ ଦରଖାସ୍ତ କରିବା,
୨) କାର୍ଯ୍ୟପତ୍ର ହାସଲ କରିବା,
୩) କାର୍ଯ୍ୟ ପାଇଁ ଦରଖାସ୍ତ କରିବା,
୪) କେଉଁ କାମ ଏବଂ କେତେଦିନ ପାଇଁ କାମ ତାହା ନିଜେ ପସନ୍ଦ କରିବା,
୫) କାର୍ଯ୍ୟ ପାଇଁ ଦରଖାସ୍ତ କରିବାର ୧୫ଦିନ ମଧ୍ୟରେ ତାଙ୍କୁ କାମ ମିଳିବା,
୬) କାର୍ଯ୍ୟସ୍ଥଳୀରେ ଶିଶୁଯତ୍ନ, ପାନୀୟ ଜଳ ଓ ପ୍ରାଥମିକ ଚିକିତ୍ସା ଆଦି ସୁବିଧାଗୁଡିକ ଉପଲବ୍ଧ ରହିବା,
୭) ମଷ୍ଟର୍ ରୋଲ୍‌କୁ ଯାଞ୍ଚ କରିବା ଏବଂ କାର୍ଯ୍ୟପତ୍ରରେ ଦରଜ ହୋଇଥିବା ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟାବଳୀ ଉପରେ ସୂଚନା ହାସଲ କରିବା,
୮) କାମ କରିବାର ୧୫ଦିନ ଭିତରେ ମଜୁରି ପାଇବା,
୯) ଯେଉଁ ତାରିଖ ଠାରୁ କାମ ପାଇଁ ଦରଖାସ୍ତ କରାଯାଇଛି ବା ଦରଖାସ୍ତ କରିବାର ତାରିଖରୁ ପନ୍ଦର ଦିନ ଭିତରେ କାମ ନପାଇଲେ ବେକାରୀ ଭତ୍ତା ପାଇବା ।

୨.୧.୨ ଗ୍ରାମସଭା: ଏହି ଆଇନ୍ ଅଧୀନରେ ଗ୍ରାମସଭାକୁ ନିମ୍ନୋକ୍ତ ଅଧିକାର ଓ ଦାୟିତ୍ୱସମୂହ ନ୍ୟସ୍ତ କରାଯାଇଛି-

(୧) ଏନ୍.ଆର୍.ଇ.ଜି.ଏସ୍. ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମସ୍ତ କାର୍ଯ୍ୟକୁ ସୁପାରିଶ୍ କରିବା ;

(୨) ସ୍କିମ୍‌ର କାର୍ଯ୍ୟାନ୍ୱୟନ ଉପରେ ସାମାଜିକ ସମୀକ୍ଷା ପରିଚାଳନା କରିବା ; ଏବଂ

(୩) ଏହା ଛଡା ସ୍କିମ୍ ସମ୍ବନ୍ଧରେ ବ୍ୟାପକ ସୂଚନା ଆଦାନ-ପ୍ରଦାନ ପାଇଁ ଗ୍ରାମସଭା ଏକ ଜନମଞ୍ଚ ରୂପେ କାର୍ଯ୍ୟ କରିବ ।

୨.୧.୩ ଗ୍ରାମ ପଞ୍ଚାୟତ: ଏହା ଗ୍ରାମ ସ୍ତରରେ ଆଇନ୍‌ର କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ପ୍ରମୁଖ ସ୍ତମ୍ଭ ରୂପେ ବିବେଚିତ ହେବ । ଯେଉଁସ୍ଥଳେ ସମ୍ବିଧାନର ନବମ ଭାଗ ପ୍ରଯୁଜ୍ୟ ନୁହେଁ, ସେପରି ସ୍ଥଳେ ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ହୋଇଥିବା ସ୍ଥାନୀୟ ପରିଷଦ/କର୍ତ୍ତୃପକ୍ଷମାନେ ନିମ୍ନୋକ୍ତ ଦାୟିତ୍ୱମାନ ପାଳନ କରିବେ ।

ଗ୍ରାମ ପଞ୍ଚାୟତ ନିମ୍ନୋକ୍ତ କାର୍ଯ୍ୟାବଳୀ ପାଇଁ ଉତ୍ତରଦାୟୀ ରହିବ-

(୧) କାର୍ଯ୍ୟଗୁଡିକ ସମ୍ବନ୍ଧରେ ଯୋଜନା ପ୍ରସ୍ତୁତି;

(୨) ପଞ୍ଜିକରଣ ପାଇଁ ଦରଖାସ୍ତ ଗ୍ରହଣ କରିବା;

(୩) ପଞ୍ଜିକରଣ ପାଇଁ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକୁ ଯାଞ୍ଚ କରିବା ;

(୪) ପରିବାରଗୁଡିକୁ ପଂଜିକରଣ କରିବା ;

(୫) କା୍ର୍ଯ୍ୟପତ୍ରର ଆବଣ୍ଟନ;

(୬) କାର୍ଯ୍ୟଆଶାୟୀ ମାନଙ୍କ ଠାରୁ ଦରଖାସ୍ତ ଗ୍ରହଣ କରିବା;

(୭) ତାରିଖ ବହନ କରୁଥିବା ରସିଦ୍ ପ୍ରଦାନ କରିବା;

(୮) ଦରଖାସ୍ତ ମିଳିବାର ୧୫ଦିନ ମଧ୍ୟରେ କାର୍ଯ୍ୟ ଯୋଗାଇଦେବା;

(୯) କାର୍ଯ୍ୟଗୁଡିକୁ ସଂପାଦନ କରିବା;

(୧୦) ରେକର୍ଡଗୁଡିକର ରକ୍ଷଣାବେକ୍ଷଣ କରିବା;

(୧୧) ସାମାଜିକ ସମୀକ୍ଷା ପାଇଁ ଗ୍ରାମସଭା ଡକାଇବା; ଏବଂ

(୧୨) ଗ୍ରାମ ସ୍ତରରେ ସ୍କିମ୍‌ର କାର୍ଯ୍ୟାନ୍ୱୟନକୁ ତଦାରଖ କରିବା ।

**୨.୨ ବ୍ଲକ୍ ସ୍ତରରେ-**

୨.୨.୧ ମଧ୍ୟବର୍ତ୍ତୀ ପଞ୍ଚାୟତ – ଗୋଟିଏ ବ୍ଲକ୍ ଭିତରେ ରହିଥିବା ଗ୍ରାମ ପଞ୍ଚାୟତମାନଙ୍କର ଯୋଜନାଗୁଡିକୁ ସଂକଳିତ କରି ଏକ ବ୍ଲକ୍ ସ୍ତରୀୟ ଯୋଜନା ପ୍ରସ୍ତୁତ କରିବା ତଥା ତଦାରଖ ଏବଂ ତତ୍ତ୍ୱାବଧାନ ପାଇଁ ଉତ୍ତରଦାୟୀ ରହିବ । ମଧ୍ୟବର୍ତ୍ତୀ ପଞ୍ଚାୟତ । ମୋଟ କାର୍ଯ୍ୟସମୂହ ଭିତରୁ ଯେଉଁ ଶତକଡା ୫୦ ଭାଗ ଗ୍ରାମ ପଞ୍ଚାୟତ ଦ୍ୱାରା ସଂପାଦିତ ହେବନାହିଁ, ସେଥିମଧ୍ୟରୁ କେତେକ କାର୍ଯ୍ୟକୁ ସଂପାଦନ ପାଇଁ ମଧ୍ୟବର୍ତ୍ତୀ ପଞ୍ଚାୟତକୁ ଦାୟିତ୍ୱ ଦିଆ ଯାଇପାରେ ।

୨.୨.୨ କାର୍ଯ୍ୟକ୍ରମ ଅଧିକାରୀ (ପି.ଓ.) – ଜଣେ କାର୍ଯ୍ୟକ୍ରମ ଅଧିକାରୀଙ୍କ ମୂଳ ଭୂମିକା ହେଲା, ବ୍ଲକ୍ ସ୍ତରରେ ଏନ୍.ଆର୍.ଇ.ଜି.ଏସ୍.ର କାର୍ଯ୍ୟାନ୍ୱୟନକୁ ସଂଯୋଜନା କରିବା । ବ୍ଲକ୍ ସ୍ତରରେ କାର୍ଯ୍ୟକ୍ରମ ଅଧିକାରୀଙ୍କର ମୁଖ୍ୟ ଦାୟିତ୍ୱ ହେଉଛି, ଜଣେ ବ୍ୟକ୍ତି ଆବେଦନ କରିବାର ୧୫ ଦିନ ଭିତରେ ଯେପରି କର୍ମନିଯୁକ୍ତି ପାଇବେ, ତାହାକୁ ସୁନିଶ୍ଚିତ କରିବା । ଜଣେ କାର୍ଯ୍ୟକ୍ରମ ଅଧିକାରୀଙ୍କ ଉପରେ ଆଉ ଯେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ନ୍ୟସ୍ତ କରାଯାଇଛି, ସେଗୁଡିକ ହେଲା,

(୧)ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ଉନ୍ନୟନ ଯୋଜନାଗୁଡିକୁ ଯାଞ୍ଚ କରିବା;

(୨)ପଞ୍ଚାୟତ ସମିତି ସ୍ତରର ପ୍ରସ୍ତାବଗୁଡିକୁ ସନ୍ନିବେଶ କରିବା ;

(୩)ସମସ୍ତ ପ୍ରସ୍ତାବଗୁଡିକୁ ମିଶେଇ ବ୍ଲକ୍ ଯୋଜନା ପ୍ରସ୍ତୁତ କରିବା ଏବଂ ଏହାକୁ ପଞ୍ଚାୟତ ସମିତି ପାଖରେ ଦାଖଲ କରିବା;

(୪)ବ୍ଲକ୍ ସ୍ତରରେ ପରିଲକ୍ଷିତ ହେଉଥିବା କାର୍ଯ୍ୟ ପାଇଁ ଚାହିଦାର ସମାନୁପାତରେ କର୍ମନିଯୁକ୍ତିର ସୁଯୋଗର ବ୍ୟବସ୍ଥା କରିବା;

(୫)କାର୍ଯ୍ୟାନ୍ୱୟନ ପ୍ରକ୍ରିୟାର ତଦାରଖ ଏବଂ ତତ୍ତ୍ୱାବଧାନ କରିବା;

(୬)ଅଭିଯୋଗଗୁଡିକର ଫଇସଲା;

(୭)ଜିକ ସମୀକ୍ଷାର ପରିଚାଳନାକୁ ସୁନିଶ୍ଚିତ କରିବା; ଏବଂ

(୮)ଯେଉଁମାନଙ୍କୁ ସମୟୋଚିତ ଢଙ୍ଗରେ କର୍ମଯୋଗାଣ ହୋଇନଥିବ, ସେମାନଙ୍କୁ ବେକାରୀ ଭତ୍ତା ପଇଠ କରିବା । କାର୍ଯ୍ୟକ୍ରମ ଅଧିକାରୀ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କ ନିକଟରେ ଉତ୍ତରଦାୟୀ ରହିବେ ।

## ୨.୩ ଜିଲ୍ଲା ସ୍ତରରେ -

୨.୩.୧ ଜିଲ୍ଲା ପଞ୍ଚାୟତ: ଜିଲ୍ଲା ଯୋଜନା ତଥା ଶ୍ରମ ବଜେଟ୍‌କୁ ଚୂଡାନ୍ତ କରିବା ତଥା ଜିଲ୍ଲା ଭିତରେ କର୍ମନିଯୁକ୍ତି ଗ୍ୟାରେଣ୍ଟି ସ୍କିମ୍‌ର ତଦାରଖ ଏବଂ ତତ୍ତ୍ୱାବଧାନ ପାଇଁ ଜିଲ୍ଲା ପଞ୍ଚାୟତ ଉତ୍ତରଦାୟୀ ରହିବ ।

୨.୩.୨ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ (ଡି.ପି.ସି.)- ରାଜ୍ୟ ସରକାର ଜଣେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକଙ୍କୁ ପଦନାମିତ କରିବେ, ଯେ କି ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନଚେତ୍ ଜିଲ୍ଲାପାଳ ନଚେତ୍ ଯଥୋଚିତ ପାହ୍ୟାର ଅନ୍ୟ ଜଣେ ଜିଲ୍ଲା ସ୍ତରୀୟ ଅଧିକାରୀ ହୋଇପାରନ୍ତି । ଜିଲ୍ଲା ଭିତରେ ଆଇନାନୁମୋଦିତ ରୀତିରେ ସ୍କିମ୍‌ର କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବାର ସାମଗ୍ରୀକ ଦାୟିତ୍ୱ ହେଉଛି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ(ଡି.ପି.ସି.)ଙ୍କର । ଜଣେ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ନିମ୍ନୋକ୍ତ ବ୍ୟାପାରରେ ଉତ୍ତରଦାୟୀ ରହିବେ -

୧) ସୂଚନାର ପ୍ରସାରଣ

୨) ପ୍ରଶିକ୍ଷଣ

୩) ବ୍ଲକ୍ ସ୍ତରୀୟ ଯୋଜନାଗୁଡିକୁ ସଂକଳନ କରି ଜିଲ୍ଲା ସ୍ତରୀୟ ଯୋଜନାର ପ୍ରନୟନ

୪) ପ୍ରକଳ୍ପ ପୁଞ୍ଜଗୁଡିକୁ ଠିକ୍ ସମୟରେ ପ୍ରଶାସନିକ ଏବଂ ବୈଷୟିକ ମଞ୍ଜୁରି ପ୍ରଦାନକୁ ସୁନିଶ୍ଚିତ କରିବା

୫) ପାଣ୍ଠିର ନିର୍ଗମନ ଏବଂ ବିନିଯୋଗ

୬) କାର୍ଯ୍ୟଗୁଡିକର ଷୋଳପଣ ତଦାରଖ ତଥା ମଷ୍ଟର୍ ରୋଲ୍‌ର ଯାଞ୍ଚ

୭) ମାସିକ ଅଗ୍ରଗତି ବିବରଣୀଗୁଡିକର ଦାଖଲ

## ୨.୪ ରାଜ୍ୟ ସ୍ତରରେ-

(୧) ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ (ଏସ୍.ଇ.ଜି.ସି.)- ଏନ୍.ଆର୍.ଇ.ଜି.ଏ.ର ଧାରା ୧୨ ଅଧୀନରେ ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ଗୋଟିଏ ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ (ସଂକ୍ଷେପରେ 'ରାଜ୍ୟ ପରିଷଦ') ପ୍ରତିଷ୍ଠା କରାଯିବ । ଏସ୍.ଇ.ଜି.ସି. ସ୍କିମ୍‌ର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ପରାମର୍ଶ ପ୍ରଦାନ କରିବେ, ଏବଂ ଏହାର ମୂଲ୍ୟାୟନ ଏବଂ ତଦାରଖ କରିବେ । ରାଜ୍ୟ ପରିଷଦଙ୍କ ଅନ୍ୟାନ୍ୟ ଭୂମିକା ଭିତରେ ରହିଛି, ଆର୍.ଇ.ଜି.ଏସ୍. ଅଧୀନରେ କାର୍ଯ୍ୟାନ୍ୱିତ ହେବାକୁ ଥିବା 'ମନୋନୀତ କାର୍ଯ୍ୟସମୂହ' ଉପରେ ଚୂଡାନ୍ତ ନିଷ୍ପତ୍ତି ନେବା, ଏବଂ ଆଇନ୍‌ର ଅନୁସୂଚୀ-୧ ଅଧୀନସ୍ଥ ଧାରା ୧(୯) ଅଧୀନରେ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ ହେବାକୁ ଥିବା ପ୍ରସ୍ତାବସମୂହକୁ ସୁପାରିଶ୍ କରିବା ।

ରାଜ୍ୟ ପରିଷଦ ଆର୍.ଇ.ଜି.ଏସ୍. ଉପରେ ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯାହାକି ରାଜ୍ୟ ଆଇନ୍‌ସଭା ସାମନାରେ ଉପସ୍ଥାପିତ ହେବ ।

(୨) ରାଜ୍ୟ ସରକାର ନିମ୍ନୋକ୍ତ ବ୍ୟାପାରରେ ଉତ୍ତରଦାୟୀ ରହିବେ-

ଏ) ସ୍କିମ୍ ସମ୍ବନ୍ଧରେ ବ୍ୟାପକ ପ୍ରଚାର

ବି) ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦର ଗଠନ

ସି) ରାଜ୍ୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପାଣ୍ଠିର ପ୍ରତିଷ୍ଠା

ଡି)	ଏନ୍.ଆର୍.ଇ.ଜି.ଏ. ର କାର୍ଯ୍ୟାନ୍ୱୟନ ପାଇଁ ସର୍ବକ୍ଷଣ ଉତ୍ସର୍ଗୀକୃତ କାର୍ଯ୍ୟକର୍ତ୍ତାଗଣ, ଯଥା ଗ୍ରାମ ପଞ୍ଚାୟତ ସହାୟକ (ଗ୍ରାମ ରୋଜଗାର ସହାୟକ) ଏବଂ କାର୍ଯ୍ୟକ୍ରମ ଅଧିକାରୀ ତଥା ବୈଷୟିକ କର୍ମବୃନ୍ଦ ଯେପରି ଯଥାବିଧି ନିଯୁକ୍ତ ହେବେ, ତାହାକୁ ସୁନିଶ୍ଚିତ କରିବା

ଇ)	ଏନ୍.ଆର୍.ଇ.ଜି.ଏସ୍. ବଜେଟ୍‌ରେ ରାଜ୍ୟର ଅଂଶକୁ ଠିକ୍ ସମୟରେ ରିଲିଜ୍ କରିବା

ଏଫ୍)	ସ୍କିମ୍‌ର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଓ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଆବଶ୍ୟକ ମୁତାବକ ଆର୍ଥିକ ଓ ପ୍ରଶାସନିକ କ୍ଷମତା ଅର୍ପଣ

ଜି)	ତାଲିମ୍

ଏଚ୍)	ବୈଷୟିକ ସହାୟତା ଏବଂ ଗୁଣାତ୍ମକ ମାନର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବା ସକାଶେ ବିଶେଷଜ୍ଞ ସଂସ୍ଥାମାନଙ୍କୁ ନେଇ ଏକ ନେଟ୍‌ୱାର୍କର ପ୍ରତିଷ୍ଠା

ଆଇ)	ଏନ୍.ଆର୍.ଇ.ଜି.ଏସ୍.ର କାର୍ଯ୍ୟ-ପ୍ରକ୍ରିୟା ଏବଂ ଫଳାଫଳକୁ ନିୟମିତ ଭାବେ ସମୀକ୍ଷଣ, ତଦାରଖ ଏବଂ ମୂଲ୍ୟାଙ୍କନ କରିବା

ଜେ)	ସ୍କିମ୍‌ର କାର୍ଯ୍ୟାନ୍ୱୟନର ପ୍ରତି ସ୍ତରରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ରକ୍ଷାକୁ ସୁନିଶ୍ଚିତ କରିବା ।

**୨.୫ କେନ୍ଦ୍ରୀୟ ସ୍ତରରେ-**

(୧)	କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ (ସି.ଇ.ଜି.ସି.)- କେନ୍ଦ୍ରୀୟ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କେନ୍ଦ୍ରୀୟ କର୍ମନିଯୁକ୍ତି ଗ୍ୟାରେଣ୍ଟି ପରିଷଦ (ବା ସଂକ୍ଷେପରେ 'କେନ୍ଦ୍ରୀୟ ପରିଷଦ') ପ୍ରତିଷ୍ଠିତ ହୋଇସାରିଛି । କେନ୍ଦ୍ରୀୟ ପରିଷଦ ଏନ୍.ଆର୍.ଇ,ଜି.ଏ. ସଂପର୍କୀତ ପ୍ରସଙ୍ଗଗୁଡିକ ଉପରେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେବା ତଥା ଆଇନ୍‌ର କାର୍ଯ୍ୟକାରିତାକୁ ତଦାରଖ ଏବଂ ମୂଲ୍ୟାୟନ ପାଇଁ ଉତ୍ତରଦାୟୀ ରହିବ । ଏନ୍.ଆର୍.ଇ,ଜି.ଏ.ର କାର୍ଯ୍ୟକାରିତା ଉପରେ ଏହା ବାର୍ଷିକ ବିବରଣୀ ପ୍ରସ୍ତୁତ କରିବ, ଯାହାକି ସଂସଦ ନିକଟରେ ଦାଖଲ କରାଯିବ ।

(୨)	ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ – ଏନ୍.ଆର୍.ଇ,ଜି.ଏ. ର କାର୍ଯ୍ୟକାରିତା ପାଇଁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ସଂଯୋଜକ (ନୋଡାଲ୍) ମନ୍ତ୍ରଣାଳୟ ରୂପେ କାର୍ଯ୍ୟ କରିବ । ରାଜ୍ୟମାନଙ୍କୁ ତଥା କେନ୍ଦ୍ରୀୟ ପରିଷଦକୁ ଯଥା ସମୟରେ ଏବଂ ପର୍ଯ୍ୟାପ୍ତ ପରିମାଣରେ ସମ୍ବଳ ସହାୟତାର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଏହା ଉତ୍ତରଦାୟୀ ରହିବ । ଅନୁସୃତ କାର୍ଯ୍ୟ-ପ୍ରକ୍ରିୟା ଏବଂ ଫଳାଫଳଗୁଡିକର ନିୟମିତ ସମୀକ୍ଷଣ, ତଦାରଖ ଏବଂ ମୂଲ୍ୟାୟନ ପାଇଁ ଏହା ପଦକ୍ଷେପ ଗ୍ରହଣ କରିବ । ଏହା ଏକ ଏମ୍.ଆଇ.ଏସ୍. (ସୂଚନା ବ୍ୟବସ୍ଥାର ପରିଚାଳନା)ର ରକ୍ଷଣାବେକ୍ଷଣ ଏବଂ ପରିଚାଳନା କରିବ, ଯାହା ଦ୍ୱାରା କାର୍ଯ୍ୟାନ୍ୱୟନର ପ୍ରତି ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ବନ୍ଧରେ ତଥ୍ୟାବଳୀ ସଂଗ୍ରହ ଏବଂ ଆବିଷ୍କାର ସହିତ କାର୍ଯ୍ୟ-ସଂପାଦନର କେତେକ ସୂଚ୍ୟାଙ୍କକୁ ଭିତ୍ତି କରି ସମ୍ବଳ ବିନିଯୋଗର ସମୀକ୍ଷଣ କରିହେବ । ଏହା ସେହିସବୁ ପରୀକ୍ଷାନିରୀକ୍ଷାଗୁଡିକୁ ସହାୟତା ପ୍ରଦାନ କରିବ, ଯାହା କି ଆଇନ୍‌ର ଉଦ୍ଦେଶ୍ୟସମୂହର ପରିପୂର୍ତ୍ତୀ ଦିଗରେ ଆବଶ୍ୟକୀୟ ପ୍ରକ୍ରିୟାଗୁଡିକୁ ଅଧିକ ବିକଶିତ କରିପାରୁଥିବ । ଅନୁସୃତ ପ୍ରକ୍ରିୟାଗୁଡିକର କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି ପାଇଁ ତଥା ସର୍ବସାଧାରଣଙ୍କ ସହ ଯୋଗଯୋଗ ବୃଦ୍ଧି ପାଇଁ ଏହା ସୂଚନା ପ୍ରଯୁକ୍ତିବିଦ୍ୟାର ଉପଯୋଗକୁ ସହାୟତା ପ୍ରଦାନ କରିବ । ପ୍ରତି ସ୍ତରରେ ଏନ୍.ଆର୍.ଇ.ଜି.ଏ.ର କାର୍ଯ୍ୟପ୍ରକ୍ରିୟା ସର୍ବସାଧାରଣଙ୍କ ନିକଟରେ ଯେପରି ସ୍ୱଚ୍ଛ ଓ ଉତ୍ତରଦାୟୀ ରହିବ, ତାହାକୁ ମଧ୍ୟ ଏହା ସୁନିଶ୍ଚିତ କରିବ ।